## କଟକ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ରେଡ୍‌କ୍ରସ୍ ଭବନରେ ୬ ଜୁନ୍ ୨୦୦୬ରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସୂଚନା ଅଧିକାର ସଂପର୍କିତ କର୍ମଶାଳାରେ ଓଡିଶା ସୂଚନା ଅଧିକାର ଅଭିଯାନର ଉପଦେଷ୍ଟା ଶ୍ରୀ ଚିତ୍ତ ବେହେରାଙ୍କ ଦ୍ୱାରା ରାଜ୍ୟ ସୂଚନା କମିଶନର୍ ପ୍ରଫେସର୍ ଶ୍ରୀଯୁକ୍ତ ରାଧାମୋହନଙ୍କୁ ଗୋଟିଏ ମୌଖିକ ଓ ସାତଟି ଲିଖିତ ପ୍ରଶ୍ନ

---

### ମୌଖିକ ପ୍ରଶ୍ନ

ରାଜ୍ୟ ସୂଚନା କମିଶନର୍ ସରକାରୀ କର୍ତ୍ତୃପକ୍ଷଙ୍କ ଭଳି ସୂଚନା ଅଧିକାର ଆଇନ୍ ସମ୍ବନ୍ଧରେ କେବଳ ଏକପାଖିଆ ବକ୍ତବ୍ୟ ଦେଇଚାଲିଛନ୍ତି । ମୂଳ ଆଇନ୍‌ର ଧାରା ୪(୨) ରେ କୁହାଯାଇଛି ଯେ, ପ୍ରତି ଜନ କର୍ତ୍ତୃପକ୍ଷ ଧାରା ୪(୧ବି) ଅଧୀନସ୍ଥ ୧୭ ପ୍ରକାର ସ୍ୱୟଂ-ପ୍ରକଟନୀୟ ସୂଚନାଗୁଡିକୁ ଏମିତି ପ୍ରସାରଣ କରିବେ ଯେ, ଜଣେ ବ୍ୟକ୍ତି ନିଜେ ଚାହୁଁଥିବା ସୂଚନା ହାସଲ କରିବା ପାଇଁ ଏହି ଆଇନ୍‌କୁ ବ୍ୟବହାର କରିବାର ଆବଶ୍ୟକତା ମଣିବେନି, ଅର୍ଥାତ୍ ଧାରା ୬ ଅଧୀନରେ ଦରଖାସ୍ତ କରିବା, ଧାରା ୭ ଅଧୀନରେ ୩୦ ଦିନ ଅପେକ୍ଷା କରିବା ବା ସୂଚନା ନପାଇଲେ ସଂପୃକ୍ତ କର୍ତ୍ତୃପକ୍ଷ ବା ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ କି ଅପିଲ୍ କରିବାର ପ୍ରଲମ୍ବିତ ଓ ଖର୍ଚ୍ଚବହୁଳ ପନ୍ଥାର ଆବଶ୍ୟକତା ପଡିବନି । ପୁଣି ଧାରା ୪(୪)ରେ କୁହାଯାଇଛି ଯେ, ଏହିସବୁ ସ୍ୱୟଂ-ପ୍ରକଟନୀୟ ସୂଚନା ପ୍ରତି ସୂଚନା-ଆଶାୟୀ ବ୍ୟକ୍ତିଙ୍କୁ ମାଗଣାରେ ଉପଲବ୍ଧ ହେବ ଅଥବା ବିହିତ ହେବାକୁ ଥିବା ନ୍ୟୁନତମ ଛପା ବା ମୁଦ୍ରଣ ମୂଲ୍ୟରେ ଯୋଗାଇ ଦିଆଯିବ । ମୂଳ ଆଇନ୍‌ର ଧାରା ୨୭(୨)ରେ ଏହି ମୂଲ୍ୟକୁ ବିହିତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି । କିନ୍ତୁ ଓଡିଶା ସୂଚନା ଅଧିକାର ନିୟମାବଳୀ-୨୦୦୫ର ନିୟମ ୨(୧ସି)ରେ କେବଳ ୩ଟି ଫିସ୍ [ଧାରା ୬(୧), ୭(୧) ଓ ୭(୫)] କଥା କୁହାଯାଇଛି ଏବଂ ଧାରା ୪(୪) ବାବଦରେ କୌଣସି ମୂଲ୍ୟ ବିହିତ କରାଯାଇନି । ପୁଣି ଓଡିଶା ନିୟମାବଳୀର ନିୟମ ୪(୨)ରେ ସ୍ପଷ୍ଟ କରି ଦିଆଯାଇଛି ଯେ, ନିୟମାବଳୀରେ ବ୍ୟବହୃତ ଶବ୍ଦାବଳୀ, ଯେଉଁଗୁଡିକ ସଂଜ୍ଞାୟିତ ହୋଇପାରିନି, ସେଗୁଡିକ ସେହିସବୁ ଅର୍ଥ ବହନ କରିବ, ଯାହାକି ମୂଳ ଆଇନ୍‌ରେ ନ୍ୟସ୍ତ କରାଯାଇଛି । ସୁତରାଂ ଏଥିରୁ ପୁରାପୁରି ସୁସ୍ପଷ୍ଟ ଯେ, ଓଡିଶା ନିୟମାବଳୀ ମୂଳ ଆଇନ୍‌ର ଧାରା ୪(୪) ବାବଦ କୌଣସି ମୂଲ୍ୟ ବିହିତ କରିନଥିବାରୁ, ମୂଳ ଆଇନ୍ ଅନୁଯାୟୀ ଧାରା ୪(୧ବି) ଅନ୍ତର୍ଗତ ସମସ୍ତ ସୂଚନା ମାଗଣାରେ ମିଳିବ । ଏହାଛଡା, ଧାରା ୪(୧ବି)ର ସୂଚନାଗୁଡିକ ସ୍ୱୟଂ-ପ୍ରକଟନୀୟ ପ୍ରକୃତିର ହୋଇଥିବାରୁ ସେଗୁଡିକୁ ପାଇବା ପାଇଁ ଦରଖାସ୍ତ କରିବାକୁ ପଡିବନି । ପୁଣି ଓଡିଶା ନିୟମାବଳୀରେ ସୂଚିତ ହୋଇଥିବା ଫର୍ମ-'କ'ରେ ମଧ୍ୟ ସ୍ପଷ୍ଟଭାବେ ଲେଖାଯାଇଛି ଯେ, ସେହି ଦରଖାସ୍ତ ଫର୍ମଟି କେବଳ ଧାରା ୬(୧)ରେ ସୂଚନା ପାଇଁ ଆବେଦନ ସକାଶେ ଉଦ୍ଦିଷ୍ଟ, ଧାରା୪ ପାଇଁ ନୁହେଁ । ପୁଣି, ଧାରା ୪(୧ବି)ରେ କୁହାଯାଇଛି ଯେ, ଏହିସବୁ ସୂଚନାଗୁଡିକୁ ପ୍ରତି ଜନକର୍ତ୍ତୃପକ୍ଷ ଆଇନ୍ ଲାଗୁ ହେବାର ୧୨୦ ଦିନ ଭିତରେ, ଅର୍ଥାତ୍ ୧୨ ଅକ୍ଟୋବର ୨୦୦୫ ସୁଦ୍ଧା ପ୍ରକାଶନ କରିସାରିଥିବେ, ଯାହା ଫଳରେ ଯେ କୌଣସି ନାଗରିକ ୧୨ ଅକ୍ଟୋବର ଠାରୁ ଚାହିଁବା ମାତ୍ରେ ଏସବୁକୁ ସଙ୍ଗେସଙ୍ଗେ ପାଇପାରିବେ । ଆହୁରି ମଧ୍ୟ ଧାରା ୪ର ସ୍ପଷ୍ଟୀକରଣରେ କୁହାଯାଇଛି ଯେ, ଏହିସବୁ ସୂଚନାଗୁଡିକ ପାଇବା ପାଇଁ ଯେ କୌଣସି ନାଗରିକ ଯେକୌଣସି ସର୍ବସାଧାରଣ ଦପ୍ତରକୁ ନିରୀକ୍ଷଣ ବା ଇନ୍‌ସ୍ପେକ୍‌ସନ୍ କରିପାରନ୍ତି । ସୁତରାଂ ଧାରା ୪ ଅନ୍ତର୍ଗତ ସୂଚନା ପାଇଁ କୌଣସି ଦରଖାସ୍ତ କରିବାକୁ ପଡିବନି, କିମ୍ବା ଫିସ୍ ଦେବାକୁ ପଡିବନି କିମ୍ବା ଅପେକ୍ଷା କରିବାକୁ ପଡିବନି ।

କିନ୍ତୁ ସୂଚନା କମିଶନର୍ ତାଙ୍କ ବକ୍ତବ୍ୟରେ ଧାରା ୪ ଅଧୀନସ୍ଥ ସ୍ୱୟଂ-ପ୍ରକଟନୀୟ ସୂଚନା କଥା କହୁଥିବା ବେଳେ, ନାଗରିକମାନେ ଏହାକୁ ଯେ ମାଗଣାରେ, ବିନା ଦରଖାସ୍ତରେ ଏବଂ ତତ୍‌କ୍ଷଣାତ୍ ପାଇପାରିବେ, ସେ ବିଷୟରେ ସୂଚନା ଦେଉନାହାନ୍ତି, ବରଂ ଏକପାଖିଆ ଢଙ୍ଗରେ କେବଳ ଧାରା ୬ ଓ ୭ ଅଧୀନସ୍ଥ ଦରଖାସ୍ତ-ଭିତ୍ତିକ, ଫିସ୍-ଭିତ୍ତିକ ଏବଂ ସମୟ-ସାପେକ୍ଷ ସୂଚନା-ହାସଲ ପ୍ରକ୍ରିୟା ସମ୍ବନ୍ଧରେ ସୂଚନା ଦେଉଛନ୍ତି ? କାହିଁକି ?

### ଲିଖିତ ପ୍ରଶ୍ନାବଳୀ

୧) ନଭେମ୍ବର ୨୦, ୨୦୦୫ରୁ ରାଜ୍ୟ ସୂଚନା କମିଶନ୍ ଗଠିତ ହୋଇ କାର୍ଯ୍ୟାରମ୍ଭ କରିଥିଲେ ହେଁ, ଏପର୍ଯ୍ୟନ୍ତ ସେମାନେ ନିଜେ ଏକ ଜନ କର୍ତ୍ତୃପକ୍ଷ ( Public Authority) ରୂପେ ସୂଚନା ଅଧିକାର ଆଇନ୍‌ର ଧାରା ୪(୧ବି) ଅନୁଯାୟୀ ନିଜର ସଂଗଠନ ଓ କାର୍ଯ୍ୟକଳାପ ସମ୍ବନ୍ଧରେ ୧୭ପ୍ରକାର ସୂଚନା ସର୍ବସାଧାରଣଙ୍କ ଅବଗତି ପାଇଁ ଘୋଷଣା କରିନାହାନ୍ତି । କାରଣ କ'ଣ? ଯଦିଓ କେନ୍ଦ୍ରୀୟ ସୂଚନା କମିଶନ୍ ଏତାଦୃଶ ସୂଚନାମାନ ବହୁଦିନରୁ ଘୋଷଣା କରିସାରିଲେଣି ।

୨) ନଭେମ୍ବର ୨୦, ୨୦୦୫ରୁ ଏପର୍ଯ୍ୟନ୍ତ ରାଜ୍ୟସୂଚନା କମିଶନ୍ ଧାରା ୧୮ ଅନୁଯାୟୀ କେତୋଟି ଅଭିଯୋଗ ଓ ଧାରା ୧୯ ଅନୁଯାୟୀ କେତୋଟି ଅପିଲ୍ ସାଧାରଣ ନାଗରିକଙ୍କ ଠାରୁ ପାଇଛନ୍ତି ଓ ସେଥିମଧ୍ୟରୁ କେତୋଟି ଫଇସଲା କରିଛନ୍ତି ? କେତେଜଣ ଜନସୂଚନା ଅଧିକାରୀଙ୍କୁ ଜୋରିମାନା ଓ ଦଣ୍ଡାଦେଶ ଦେଇଛନ୍ତି ଓ କେତେଜଣ ବ୍ୟଥିତ ନାଗରିକଙ୍କୁ ସେମାନଙ୍କ ଇପ୍‌ସିତ ସୂଚନା ଦିଆଇବାରେ ସକ୍ଷମ

ହୋଇଛନ୍ତି ? କେନ୍ଦ୍ରୀୟ ସୂଚନା କମିଶନ୍ ଏପର୍ଯ୍ୟନ୍ତ ୧୪୯ଟି କେଶ୍ ଫଇସଲା କଲେଣି ଓ ସେଗୁଡିକର ରାୟ ବା ନିଷ୍ପତ୍ତି ସେମାନଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ । ରାଜ୍ୟ କମିଶନ୍ ନିଜର ନିଷ୍ପତ୍ତିକୁ ୱେବ୍‌ସାଇଟ୍ ମାଧ୍ୟମରେ ଏଭଳି ପ୍ରକାଶ କରୁନାହାନ୍ତି କାହିଁକି ?

୩) ମୂଳ ଆଇନ୍‌ର ଧାରା ୨୫ରେ ସୂଚନା କମିଶନ୍‌ଙ୍କୁ କ୍ଷମତା ଦିଆଯାଇଛି, କୌଣସି ଜନ କର୍ତ୍ତୃପକ୍ଷଙ୍କ ଆଇନ୍-ଉଲ୍ଲଂଘନ କାର୍ଯ୍ୟକଳାପକୁ ସଂଶୋଧନ କରିବା ପାଇଁ ପରାମର୍ଶ ଦେବା ସକାଶେ । ଓଡିଶା ସୂଚନା ଅଧିକାର ନିୟମାବଳୀ ଚରମ ଜନବିରୋଧି ହୋଇଥିବା ସ୍ଥଳେ ରାଜ୍ୟ ସୂଚନା କମିଶନ୍ ଏହାର ସଂଶୋଧନ ଦିଗରେ କ'ଣ ଉଦ୍ୟମ କରିଛନ୍ତି ?

୪) ଓଡିଶାର କେଉଁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ବା Competent Authorities (ଯଥା- ବାଚସ୍ପତି, ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ରାଜ୍ୟପାଳ) ଏପର୍ଯ୍ୟନ୍ତ ଧାରା ୨୮ ଅନୁଯାୟୀ ନିଜନିଜର ନିୟମାବଳୀ ପ୍ରଣୟନ କରିଛନ୍ତି । ଯଦି କରିନଥାନ୍ତି, ତେବେ ରାଜ୍ୟ ସୂଚନା କମିଶନ୍ ଏଦିଗରେ କ'ଣ କରିଛନ୍ତି ?

୫) ମୂଳ ଆଇନ୍‌ର ଧାରା ୨୫ ଅନୁଯାୟୀ କେନ୍ଦ୍ରୀୟ ବା ରାଜ୍ୟ ସୂଚନା କମିଶନ୍ ଆଇନ୍‌ର କାର୍ଯ୍ୟକାରିତାକୁ ନେଇ ଏକ ବାର୍ଷିକ ବିବରଣୀ ପ୍ରସ୍ତୁତ କରିବା କଥା, ଯାହାକି ଆଇନ୍ ସଭାରେ ଉପସ୍ଥାପିତ ହେବ । ୨୦୦୫-୦୬ ବର୍ଷ ଅତିକ୍ରାନ୍ତ ହେବାର ୨ମାସରୁ ଅଧିକ ସମୟ ବିତିଗଲାଣି । କିନ୍ତୁ ଆମେ ଜାଣିନାହୁଁ, ରାଜ୍ୟ ସୂଚନା କମିଶନ୍ ଏ ଦିଗରେ କ'ଣ ପଦକ୍ଷେପ ନେଇଛନ୍ତି ? କେନ୍ଦ୍ରୀୟ ସୂଚନା କମିଶନ୍‌ଙ୍କ ଏ କ୍ଷେତ୍ରରେ ପଦକ୍ଷେପ, ଯଥା- ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ଦପ୍ତରକୁ ଚିଠି- ଆମେ ତାଙ୍କ ୱେବ୍‌ସାଇଟ୍‌ରୁ ଜାଣିପାରୁଛୁ । କିନ୍ତୁ ରାଜ୍ୟ ସୂଚନା କମିଶନ୍‌ଙ୍କ ପଦକ୍ଷେପ ଓ ଅଗ୍ରଗତି ସମ୍ବନ୍ଧରେ ଆମେ ସମସ୍ତେ ଅନ୍ଧକାରରେ ଅଛୁ । କାରଣ କ'ଣ ?

୬) ରାଜ୍ୟ ସରକାରଙ୍କ ମାର୍ଚ୍ଚ ୬, ୨୦୦୬ ବିଜ୍ଞପ୍ତିରେ ଅପିଲ୍ ପ୍ରକ୍ରିୟା (Appeal Procedure) ସମ୍ବନ୍ଧରେ ନିୟମାବଳୀ ଘୋଷିତ ହୋଇଛି । ଆଶ୍ୱାସନାର କଥା ଯେ, ଏହି ଅପିଲ୍ ନିୟମାବଳୀରେ ଅପିଲ୍‌କାରୀ ନାଗରିକଙ୍କ ଠାରୁ ଏହି ଅପିଲ୍ ନିୟମାବଳୀରେ ଅପିଲ୍‌କାରୀ ନାଗରିକଙ୍କ ଠାରୁ କେଶ୍ ଶୁଣାଣି ବାବଦରେ କୌଣସି ଖର୍ଚ୍ଚ ଆଦାୟ କରିବାର ବ୍ୟବସ୍ଥା ନାହିଁ । କିନ୍ତୁ ଓଡିଶା ସରକାରଙ୍କ ମୂଳ ନିୟମାବଳୀର ଧାରା ୧୨ରେ 'ଖର୍ଚ୍ଚ ଦାଖଲ' ବା Deposit of Expenditure ନାଁରେ ପ୍ରଥମେ ଅପିଲ୍‌କାରୀଙ୍କୁ ଅଗ୍ରୀମ ଶୁଣାଣି ଖର୍ଚ୍ଚ ଦାଖଲର ବ୍ୟବସ୍ଥା ରହିଛି ଓ ସେହି ଯୋଗୁଁ ଲୋକେ ଖର୍ଚ୍ଚ ଭୟରେ ଅପିଲ୍ କରିବାକୁ ପଛାଉଛନ୍ତି । ସୁତରାଂ ଏହି ବିରୋଧାଭାସକୁ ଦୂର କରିବା ପାଇଁ ରାଜ୍ୟ ସୂଚନା କମିଶନ୍ କ'ଣ କରିଛନ୍ତି ବା କରିବାକୁ ଯାଉଛନ୍ତି ?

୭) ଆମେ ଲକ୍ଷ୍ୟ କରୁଛୁ, ରାଜ୍ୟ ସୂଚନା କମିଶନ୍‌ଙ୍କ ୱେବ୍‌ସାଇଟ୍‌ରେ ଅନେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପରିବେଷିତ ହେବା ପରିବର୍ତ୍ତେ, କିଛି ଅବାଂଛିତ ସୂଚନାକୁ ସ୍ଥାନ ଦିଆଯାଇଛି; ଯଥା- ଫଟୋ ଗ୍ୟାଲେରିରେ ଦୁଇ କମିଶନ୍‌ଙ୍କ ଅନେକ ପାରିବାରିକ ଚିତ୍ର । ମନେ ହେବ, ସତେ ଯେପରି ଏହା ସୂଚନା କମିଶନର୍ ଦ୍ୱୟଙ୍କ ବ୍ୟକ୍ତିଗତ family album । କେନ୍ଦ୍ରୀୟ କମିଶନ୍ ବା ଅନ୍ୟ କୌଣସି ରାଜ୍ୟ କମିଶନ୍‌ଙ୍କ ୱେବ୍‌ସାଇଟ୍‌ରେ ଏତାଦୃଶ ଫାମିଲି ଫଟୋ ନାହିଁ । ମୁଁ ନିଜେ ଏ ବିଷୟରେ Complaint ଓ ଲେଖା ମାଧ୍ୟମରେ ଅଭିଯୋଗ କରିଛି, କିନ୍ତୁ ଏପର୍ଯ୍ୟନ୍ତ ଏହାକୁ ଦୂର କରାଯାଇ ପାରିନି । କାହିଁକି ?

**ଚିତ୍ତରଂଜନ ବେହେରା,** **କଟକ, ୬ ଜୁନ୍ ୨୦୦୬**

ପରାମର୍ଶଦାତା, ଓଡିଶା ସୂଚନା ଅଧିକାର ଅଭିଯାନ ( www.orissarti.com)

ଇମେଲ୍- chittabehera1@rediffmail.com

ମୋବାଇଲ୍ - ୯୮୬୧୦୯୧୪୫୫